# Akashvani, Sambalpur

## SAMBALPURI NEWS BULLETIN

### 3 December 2025 – 6.47- 6.52 am.

**********************************************

ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ          ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ୍ । ଭିନ୍ନକ୍ଷମ ଲୋକ୍‌ମାନ୍‌କର୍ ବିକାଶ୍, ଉନ୍ନତି, ସୁରକ୍ଷା, ଆର୍ ସମାଜ୍ ନ ସେମାନ୍‌କୁ ସମାନ୍ ସୁବିଧା ଦେବାର୍  ଲାଗି ୧୯୯୨ ମସିହାନୁ ମିଲିତ୍ ଜାତିସଂଘ ତର୍ଫୁ ଫି ବଛର୍ ଡିସେମ୍ବର ୩ ତାରିଖ୍ ଦିନ ଇ ଦିବସ୍ ପାଳନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହଉଛେ 'ସାମାଜିକ୍ ପ୍ରଗତିକେ ଆଗ୍‌କେ ନେବାର୍ ଲାଗି ଗୁଟେ ଭିନ୍ନକ୍ଷମ-ଅନ୍ତର୍ଭୁକ୍ତିକରଣ ସମାଜ୍‌କେ ତହଁକାବାର୍' ।

ଇ ଅବ୍‌ସରେ ନୂଆଦିଲ୍ଲୀ ନ ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ସଫଲ୍‌ତା ହାସଲ୍ କରିଥିବା ଭିନ୍ନକ୍ଷମମାନ୍‌ଙ୍କୁ ଜାତୀୟ ପୁରସ୍କାର ପ୍ରଦାନ୍ କର୍‌ବେ । ୨୨ ଝନ୍ ସଫଲ୍ ବ୍ୟକ୍ତି ଆଉ ୧୧ଟା ଅନୁଷ୍ଠାନ୍‌କେ ପୁରସ୍କୃତ୍ କର୍‌ବେ । ସାମାଜିକ ନ୍ୟାୟ ଆଉ ସଶକ୍ତୀକରଣ ମନ୍ତ୍ରଣାଳୟ ତର୍ଫୁ ଦିଲ୍ଲୀ ବିଜ୍ଞାନ ଭବନ୍ ହେବାର୍‌କେ ଥିବା ସମାରୋହଥି ବିଭାଗୀୟ ମନ୍ତ୍ରୀଙ୍କର ସହେତେ ଅଲ୍‌ଗାମାନେ ଉପସ୍ଥିତ ରହେବେ ।

ଭିନ୍ନକ୍ଷମ ଦିବସ-ମୁଖ୍ୟମନ୍ତ୍ରୀ I&PR

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିନ୍ନକ୍ଷମମାନ୍‌କର ସାମର୍ଥ୍ୟର୍ ଉଚିତ୍ ବିନିଯୋଗ୍ ଆମର୍ ସମାଜ୍‌କେ ପ୍ରଗତି୍ ବାଟେ ଆଗ୍‌କେ ନେବା ବଲି ଗୁଟେ ବାର୍ତାଥି୍ କହିଛନ୍ ।
ରାଜ୍ୟ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଗଲା ୧ ତାରିଖ୍‌ନୁ ମୁଲ୍ ହେଇଥି୍ବା ୩ ଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍ ସମାରୋହ ଆଏଜ୍ ଉଦ୍‌ଯାପିତ୍ ହେବା । ସୋଆ ବିଶ୍ୱବିଦ୍ୟାଳୟ ପରିସର ନ ହେବାର୍‌କେ ଥି୍ବା ସମାରୋହଥି୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି୍ ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଭାଗର୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହେତେ ଅଲ୍‌ଗାମାନେ ଭିଲ୍ ଉପସ୍ଥିତ ରହେବେ ।

ଡିଏମ୍‌ଏଫ୍ ପାଣ୍ଠି-ମୁଖ୍ୟମନ୍ତ୍ରୀ ସମୀକ୍ଷା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଜିଲ୍ଲା ଖଣିଜ ପାଣ୍ଠି-ଡିଏମ୍‌ଏଫ୍ ରିପୋର୍ଟ ଫି ବଛର୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍ ନ ଗଲାକାଏଲ୍ ଜିଲ୍ଲା ଖଣିଜ ପାଣ୍ଠିର ସମୀକ୍ଷା କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ସଚିବମାନେ ଭିନ୍ ଭିନ୍ କ୍ଷେତ୍ର

ନ ଖର୍ଚ୍ଚା ହେଇଥିବା ଡିଏମ୍ଏଫ୍ ପାଣ୍ଠି ବାର୍ଷିକ୍ ଅଡିଟ୍ ରିପୋର୍ଟ ଦାଖଲ କର୍ବେ । ଯେନ୍ ଜିଲ୍ଲା ନ ପାଣ୍ଠି ୧୦ କୋଟିନୁ ଅଏତ୍କା ଆସୁଥିବା ସେନ ଏନ୍ଡାଉମେଂଟ ପାଣ୍ଠି ଗଠନ୍ କରି କରି ସରକାରୀ ସିକ୍ୟୁରିଟି ଆଉ ସ୍ଥାୟୀ ଜମା କର୍ବେ । ଦରକାର ପଡ଼ଲେ ତାର୍ ବେଭାର୍ କରିପାର୍ବେ । ସେନ୍ତା ଲଘୁ ଖଣିଜ ଦରବ୍ନୁ ଆସୁଥିବା ପାଣ୍ଠି ଭିଲ୍ ସେହି ଜିଲ୍ଲା ନ ହିଁ ବିନିଯୋଗ୍ କରାଯିବା । ଖଣି ଇଲାକା ନ କମ୍ପାନୀମାନେ ସବୁ ମୌଲିକ ସୁବିଧା ସୁଯୋଗ୍ ଯୁଗେଇ ଦେବାର୍ ସହେତେ ପ୍ରଦୂଷଣ ଆଏତ୍ କର୍ବାର ଲାଗି ଭିଲ୍ ପଦକ୍ଷେପ ନେବାର୍କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ ।

ଆୟୁଷ୍ମାନ ଯୋଜନା ସମୀକ୍ଷା I&PR

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍ ନ ଗଲାକାଏଲ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜ୍ନା-ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନାର ହିତାଧିକାରୀମାନ୍ଙ୍କୁ ନିର୍ବିଘ୍ନ ଆଉ ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦେବାର୍ ଲାଗି ଯୋଜ୍ନାର ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ନୂଆ ରୋଗୀ କୈନ୍ଦ୍ରୀକ୍ ପଦକ୍ଷେପ୍ମାନ୍କୁ ଅନୁମୋଦନ୍ କରିଛେ । ଯୋଜ୍ନାଥି ଅଙ୍କୋଲୋଜି, ହେମାଟୋଲୋଜି, ଚକ୍ଷୁ ଚିକିତ୍ସା ବିଭାଗ୍

ବିଭାଗର୍୭୫ଟା ନୂଆ ଚିକିତ୍ସା ପେକେଜ୍‌କେ ସାମିଲ୍ କର୍‌ବାର୍‌କେ ଆଲୋଚନା କରାଯାଇଥିଲା । ଇଟା କାର୍ଯ୍ୟକାରୀ ହେଲେ ଯୋଜନାର ପେକେଜ୍ ସଂଖ୍ୟା ୨ ହଜାର ଶହେ ୬୩କେ ବଢ଼୍‌ବା । ସରକାରୀ ଡାକ୍ତରଖାନା ମାନ୍‌କେ ଯୋଜ୍‌ନାକେ ଲାଗୁ କର୍‌ବାର, ସ୍ୱାସ୍ଥ୍ୟମିତ୍ର ମାନ୍‌ଙ୍କୁ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ଭାବେ ନାମିତ୍ କର୍‌ବାର ଲାଗି ବୈଠକ୍‌ଥି ଧାରିଜ୍ କରାଯାଇଛେ ।

ଗଞ୍ଜେଇ ଚାଷ ସମୀକ୍ଷା I&PR

ଉନ୍ନୟନ କମିଶନର ଅନୁ ଗର୍ଗ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍ ନ ରାଜ୍ୟର୍ ଗଞ୍ଜେଇ ଚାଷ୍ ହଉଥିବା ୧୦ଟା  ଜିଲ୍ଲାର୍ ସ୍ଥିତି ସମୀକ୍ଷା କରିଛନ୍ । ଇ ଜିଲ୍ଲାମାନ୍‌କର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବନ ଅଧିକାରୀ ଆଉ ଅବକାରୀ ଅଧିକାରୀମାନ୍‌କର ସଙ୍ଗେ ଆଲୋଚନା କରି କରି ଗଞ୍ଜେଇ ଚାଷ୍‌କେ ପୁରାପୁରି ବନ୍ଦ କର୍‌ବାର୍ ଲାଗି ମିଲିତ୍ ପଦକ୍ଷେପ୍ ନେବାର୍‌କେ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମଧାବୀ ଛାତ୍ର ପ୍ରୋତ୍ସାହନ୍ ଆର୍‌ଏନ୍‌ୟୁ/ କଟକ

୨୦୨୫-୨୬ ଶିକ୍ଷା ବଛର୍ ଲାଗି ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ୍ ଯୋଜ୍ନା ଲାଗି ମାର୍ଗଦର୍ଶିକା ଜାରି ହେଇଛେ । ଛାତ୍ରବୃତି ପାଣ୍ଠି ଡିବିଟି ଜରିଏ ଛାତ୍ରଛାତ୍ରୀଙ୍କୁ ଦିଆଯିବା । ରାଜ୍ୟ ବାହାରର୍ ଛାତ୍ରଛାତ୍ରୀମାନ୍କର ଲାଗି ଶିକ୍ଷାଗତ ରେକର୍ଡ, ଯୋଗ୍ୟତା ଛାତ୍ରବୃତି ଲାଗି ଦରକାର ପରୀକ୍ଷା ସହେତେ ମାର୍କସିଟ୍ ଅପ୍‌ଲୋଡ୍ କର୍‌ବାର୍‌କେ ବାଧ୍ୟତାମୂଲକ୍ କରାଯାଇଛେ ।

ବରଗଡ଼ ଧନୁଯାତ୍ରା ପ୍ରସ୍ତୁତି ବରଗଡ଼ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଲାଗି ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଭାସୀ ଜରିଏ ବୈଠକ୍‌ଥି ଯୋଗ୍ ଦେଇଥିଲେ । ମୁକ୍ତାକାଶ ରଙ୍ଗମଂଚର୍ ଭବ୍ୟ ଆୟୋଜନ୍ ଲାଗି ଭିତିଭୂମି, ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଉ ଜାତୀୟ ସ୍ତରେ ଇତାର୍ ପ୍ରଚାର୍ ପ୍ରସାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଥିଲା । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ୍‌ଙ୍କ ସହେତେ ମହୋତ୍ସବ କମିଟିର ସଭାପତି ଆଉ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲାର ବିଧାୟକମାନେ ଆଉ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

ସମ୍ବଲପୁର ମହୋତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମାସର୍ ୪ ତାରିଖ୍‌ନୁ ସମ୍ବଲପୁର ବିର୍ସାମୁଣ୍ଡା ପଡ଼ିଆ ନ ସମ୍ବଲପୁର ମହୋତ୍ସବ୍ ଆୟୋଜିତ୍ ହେବା । ୫ ଦିନିଆ ଉତ୍ସବ୍‌ଥି ୪ନୁ ୬ ତାରିଖ୍ ତକ୍ ଲୋକ ମହୋତ୍ସବ୍ ହେବାର୍‌କେ ଥିବାର୍ ବେଲେ ୭ ଆଉ ୮ ତାରିଖ୍ ଯୁବ ମହୋତ୍ସବ୍‌ର ଆୟୋଜନ୍ କରାଯିବା । ଇଥିର୍‌ଲାଗି ଗଲାକାଏଲ  ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ମହୋତ୍ସବକେ ନେଇକରି ଖୋବ୍ ଜଲ୍‌ଦି ଭିନ୍ ଭିନ୍ କମିଟି ଗଠନ୍ କରାଯିବା ବଲି ବୈଠକ୍‌ନ ଧାରିଜ୍ କରାଯାଇଛେ ।

ସମ୍ବଲପୁର ଧାନ ଘିନା           ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲା ନ ଗଲାକାଏଲ୍ ଧାନଘିନା ମୁଲ୍ ହେଇଛେ । ସବୁ ମଣ୍ଡି ନ ସ୍ଥିତି ସ୍ୱାଭାବିକ୍ ରହିଥିଲା । ପହେଲା ଦିନେ ଭିନ୍ ଭିନ୍ ମଣ୍ଡନୁ ୩ ଶହ ୪୪ ଝନ୍ ଚାଷୀଙ୍କରନୁ ୪୭ ହଜାର ଶହେ ୯୩ ପେକେଟ୍ ଧାନ ଘିନା ହେଇଛେ । ପି-ପାସ୍ ସମସ୍ୟାର୍ ସମାଧାନ ହେବାର୍ ସହେତେ ଧାନ୍ ବିକିଥିବା ଚାଷୀମାନ୍‌କର ଆଇରିସ୍ ଭିଲ୍ ହେଇଛେ । ଆଗ୍‌କେ ଭିଲ୍ ମଣ୍ଡିମାନ୍‌କେ ସୁରୁଖୁରୁଥି ଧାନଘିନା ହେବା ବଲି ଜିଲ୍ଲାପାଳ ସୂଚ୍‌ନା ଦେଇଛନ୍ ।

ମାଟ୍ରିକ ପଞ୍ଜିକରଣ        ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ୍ ମାଟ୍ରିକ ପରୀକ୍ଷା ୨୦୨୭ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ ମୁଲ୍ ହେଇଛେ । ପଞ୍ଜିକରଣ ପ୍ରକ୍ରିୟା ଆଏବା ମାସର ୧୭ ତାରିଖ୍‌ତକ୍ ଚାଲ୍‌ବା । ୯ ଶ୍ରେଣୀ ପାଠ୍ ପଢୁଥିବା ଛାତ୍ରଛାତ୍ରୀମାନେ ପରିଷଦ୍‌ର ୱେବ୍‌ସାଇଟ୍‌ଥି ନାଁ ପଞ୍ଜିକରଣ କରିପାର୍‌ବେ । ଇ ବାବ୍‌ଦେ ପରିଷଦ୍ ତର୍‌ଫୁ ଜିଲ୍ଲା ଶିକ୍ଷାଧିକାରୀ ଆଉ ରାଜ୍ୟ ସବୁ ଉଚ୍ଚ ବିଦ୍ୟାଳୟମାନ୍‌କର ପ୍ରଧାନ ଶିକ୍ଷକମାନ୍‌କୁ ସୂଚ୍‌ନା ଦିଆଯାଇଛେ ।